# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**18 December – 2025**

## ଆର୍‌ଏସ୍‌-ବୀମା ବିଲ୍‌

'ସବ୍‌କା ବୀମା, ସବ୍ କା ରକ୍ଷା'- ବୀମା ଆଇନ୍ ସଂଶୋଧନ ବିଲ୍ ୨୦୨୫ ଗତକାଲି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି । ବୀମା ଆଇନ୍ ୧୯୩୮, ଜୀବନବୀମା ନିଗମ ଆଇନ୍ ୧୯୫୬ ଏବଂ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ଆଇନ୍ ୧୯୯୯କୁ ସଂଶୋଧନ କରିବା ହେଉଛି ଏହି ବିଲ୍‌ର ଉଦ୍ଦେଶ୍ୟ । ଏହି ବିଲ୍ ଦ୍ୱାରା ଭାରତୀୟ ବୀମା କମ୍ପାନୀ ଗୁଡ଼ିକରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ପରିମାଣକୁ ମୂଳଧନର ୭୪ପ୍ରତିଶତରୁ ୧୦୦ପ୍ରତିଶତକୁ ବୃଦ୍ଧି କରାଯାଇ ପାରିବ ।

## ଏଲ୍‌ଏସ୍‌-ନ୍ୟୁକ୍ଲିୟର ବିଲ୍‌

ଭାରତର ରୂପାନ୍ତରୀକରଣ ଲାଗି ଆଣବିକ ଶକ୍ତିର ବିକାଶ ଏବଂ ନିରନ୍ତର ଉପଯୋଗ ବିଲ୍ ୨୦୨୫ ଗତକାଲି ଲୋକସଭାରେ ପାରିତ ହୋଇଛି । ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ଲାଗି ଆଣବିକ ଶକ୍ତିର ସଦ୍‌ଉପଯୋଗ ଏବଂ ଏହାର ବିକାଶ କରିବା ହେଉଛି ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଏହାର ସୁରକ୍ଷା ଏବଂ ସୁରକ୍ଷିତ ବ୍ୟବହାର ଲାଗି ଏହି ବିଲ୍ ଦ୍ୱାରା ଏକ ସୁ-ବ୍ୟବସ୍ଥିତ ନିୟାମକ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇପାରିବ । ଏତଦ୍‌ବ୍ୟତୀତ ଆଣବିକ ଶକ୍ତି ନିୟାମକ ବୋର୍ଡ ଗଠନ ସହିତ ଆଣବିକ ଶକ୍ତି ସମସ୍ୟାର

ସମାଧାନ ଲାଗି ପରାମର୍ଶଦାତା ପରିଷଦ ପ୍ରତିଷ୍ଠା ମଧ୍ୟ କରାଯାଇପାରିବ । ଆଣବିକ ଦୁର୍ଘଟଣା ଘଟିଲେ ସେଭଳି ପରିସ୍ଥିତିରେ ଏଥିଲାଗି କେନ୍ଦ୍ର ସରକାରଙ୍କ ଉତ୍ତରଦାୟିତ୍ୱ ରହିବ ବୋଲି ଏହି ବିଲ୍‌ରେ ବ୍ୟବସ୍ଥା ରହିଛି ।

## ସେମିକଣ୍ଡକ୍ଟର

ଭୁବନେଶ୍ୱରସ୍ଥିତ ଆଇଆଇଆଇଟିଠାରେ ଏକ ସେମିକଣ୍ଡକ୍ଟର ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଆଇଟି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିବା ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ର ନିମନ୍ତେ ରାଜ୍ୟ ସରକାର ୪୦୦କୋଟି ଟଙ୍କା ବ୍ୟୟ କରିବେ । ପ୍ରତିଷ୍ଠାନ ପରିସରରେ ଚାଲିଥିବା ଆନ୍ତର୍ଜାତିକ କ୍ରିପ୍ଟୋଗ୍ରାଫି ଓ ସୂଚନା ସୁରକ୍ଷା ସମ୍ମିଳନୀ ଇଣ୍ଡୋ କ୍ରିପ୍ଟ ୨୦୨୫ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରସ୍ତାବିତ ଉତ୍କର୍ଷ କେନ୍ଦ୍ର ଦ୍ୱାରା ଦକ୍ଷତା ବିକାଶ ହେବା ସହ ଗବେଷଣା, ନବ ଉନ୍ମେଷ ଏବଂ ଶିଳ୍ପ ସହଯୋଗକୁ ପ୍ରୋତ୍ସାହନ ମିଳିବ ।

## ଇନ୍‌ଭେଷ୍ଟର୍ସ ମିଟ୍

ହାଇଦ୍ରାବାଦଠାରେ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଏବଂ ରୋଡ୍ ଶୋ' ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ସମ୍ମିଳନୀ ପାଇଁ ବିଶିଷ୍ଟ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରାଯାଇଥିବା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ଓଡ଼ିଶାରେ ଅଧିକ ପୁଞ୍ଜି ନିବେଶ ନିମନ୍ତେ ବିଭିନ୍ନ

ଶିଳ୍ପପତିଙ୍କ ସହ ଓଡ଼ିଶା ଶିଳ୍ପ ବିଭାଗର ଟିମ୍ ଆଲୋଚନା କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

## ଏ.ଆଇ. ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଆସନ୍ତାକାଲିଠାରୁ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା-ଏ.ଆଇ. ସମ୍ମିଳନୀ ୨୦୨୫ ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରରେ ଅନୁଷ୍ଠିତ ହେବ । ଏ ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇ କହିଛନ୍ତି ଯେ ଫେବୃୟାରୀ ମାସରେ ଭାରତ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ହେବା ପୂର୍ବରୁ ଓଡ଼ିଶା ସମେତ ୮ଟି ରାଜ୍ୟରେ ଆଞ୍ଚଳିକ ଇମ୍ପାକ୍ଟ ଏ.ଆଇ. ସମ୍ମିଳନୀ ଅନୁଷ୍ଠିତ ହେବ । ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଏ.ଆଇ. ନୀତି ୨୦୨୫ ସହିତ ଫିନ୍‌ଟେକ୍, ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ନିବେଶକ ଅନୁକୂଳ ଢ଼ାଞ୍ଚା ନିର୍ମାଣ କରାଯାଉଛି । ଏଥିପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

## ଅଲିଭ୍ ରିଡ୍‌ଲେ

ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗଠିତ ଉଚ୍ଚ କ୍ଷମତାସଂପନ୍ନ କମିଟିର ଏକ ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଇଁଛଙ୍କ ସୁରକ୍ଷା ଓ

ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ପୁସ୍ତକ ମେଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ଏହି ମହୋତ୍ସବକୁ ଲେଖକ, ପାଠକ ଓ ପ୍ରକାଶକଙ୍କର ତ୍ରିବେଣୀ ସଂଗମ ବୋଲି କହିଥିଲେ । ମେଳାରେ ଚଳିତବର୍ଷ ୨୦୦ରୁ ଊର୍ଦ୍ଧ୍ୱ ପ୍ରକାଶକ ଭାଗ ନେବା ସହ ୫୫୦ଟି ଷ୍ଟଲ୍ ନିର୍ମାଣ କରାଯାଇଥିଲା ।

## ନାମଲେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇ ପକ୍ଷରୁ ଯୁକ୍ତଦୁଇ ଚତୁର୍ଥ ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ଗତକାଲି ପ୍ରକାଶ ପାଇଛି । ଆବେଦନ କରିଥିବା ସମସ୍ତ ୧ ହଜାର ୬୪୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି । ପ୍ରାର୍ଥୀମାନେ ଆଜି ଓ ଆସନ୍ତାକାଲି ନାମ ଲେଖାଇ ପାରିବେ । ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

# ଜିଲ୍ଲା ମହୋତ୍ସବ

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟାଳୟରେ ପଲ୍ଲୀଶ୍ରୀମେଳା ଏବଂ ଜିଲ୍ଲା ମହୋତ୍ସବ ନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ମାସ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ହେବାକୁ ଥିବା ଏହି ମେଳା ନିମନ୍ତେ ପ୍ରସ୍ତୁତିର ସମୀକ୍ଷା କରାଯାଇଛି ।

---

# ବୈଠକ

ସୁବର୍ଣ୍ଣପୁର ବନଖଣ୍ଡର ୨୦୨୬ ବର୍ଷ ପାଇଁ ଜଙ୍ଗଲ ନିଆଁ ପରିଚାଳନା ନିମନ୍ତେ କାର୍ଯ୍ୟଖସଡ଼ା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

---

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତ ଲହରୀ ସାଙ୍ଗକୁ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି । ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୭ଡିଗ୍ରୀ ସେମିଳିଗୁଡ଼ାରେ ରେକର୍ଡ କରାଯାଇଛି । ରାଜ୍ୟର ୭ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୬ରୁ ୭ ଡିଗ୍ରୀ ମଧ୍ୟରେ ରହିଛି । ଆଗାମୀ ୨ ଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ, ସମ୍ବଲପୁର, କଳାହାଣ୍ଡି, ସୋନପୁର,

କୋରାପୁଟ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଘନ କୁହୁଡ଼ି ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

..................................................................................